# Akashvani, Sambalpur

## SAMBALPURI NEWS EVENING BULLETIN

**24 October 2024- 7.02 pm- 7.12 pm.**

*******************************************

୧- ବାତ୍ୟା ଦାନା ପାରାଦ୍ୱୀପ୍ ଉପକୂଲ ନୁ ଦକ୍ଷିଣ ପୂର୍ବ ଦିଗେ ଶହେ ୫୦ କିଲୋମିଟର୍ ଦୂରେ କେନ୍ଦ୍ରୀଭୂତ ।

- ଆଏଜ୍ ଡେରିରାତି କି ଆଏବାକାଏଲ୍ ସଖାଲ୍ତକ୍ ଭିତର୍କନିକା ଆର୍ ଧାମ୍ରା ଭିତ୍ରେ ଭୂଇଁକେ ଛୁଇଁବା ।

୨- ବାତ୍ୟା ମୁକାବିଲା ଲାଗି ଦର୍କାରୀ ସବୁ ସାହାଜ୍ ଆର୍ ସହଯୋଗ୍ ଯୁଗେଇ ଦେବାର୍କେ କହେଲେ ପ୍ରଧାନ୍ମନ୍ତ୍ରୀ ।

- ବାତ୍ୟା ପ୍ରଭାବିତ୍ ଜିଲ୍ଲାମାନ୍କର୍ ଜିଲ୍ଲାପାଲ୍ଙ୍କର୍ ସାଙ୍ଗେ ବାତ୍ୟା ମୁକାବିଲାର୍ ତୟାରି ଅଗ୍ରଗତି ବାବ୍ଦେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ଭୁବ୍ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୮ ତାରିଖ୍ ଦିନ ରହେବା ବନ୍ଦ୍ ।

ବାତ୍ୟା           ପ୍ରେସ୍ ରିଲିଜ୍

ବାତ୍ୟା 'ଦାନା' ଆଏଜ୍ ଡେରି ରାଏତି ଆର୍ ଆଏବା କାଏଲ୍  ସଖାଲ୍‌ତକ୍ ଭିତର୍‌କନିକା ଆର୍ ଧାମ୍‌ରା ଭିତ୍‌ରେ ଭୂଇଁକେ ଛୁଇଁପାରେ ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଇ ସମିଆଥି ଜବର୍ ବର୍ଷା ହେବାର୍ ସହେତେ ଘଂଟାକ ଶହେ ନୁ ଶହେ ୨୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ । ସେନ୍ତା ବାତ୍ୟା ସ୍ଥଲଭାଗ ଅତିକ୍ରମ କର୍‌ବାର୍ ସମିଆଥି ୨ ନୁ ୩ ମିଟର୍ ଉଚାର ଲହଡ଼ା ମାଡ଼ି ଆସ୍‌ବାର୍ ସମ୍ଭାବନା ଥିବାର୍ ଭାରତୀୟ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ପାଣିପାଗ୍ ବିଭାଗ୍ ତର୍‌ଫୁ ଏଛେନ୍ ମିଲିଥିବା ସୂଚ୍‌ନା ଅନ୍‌ସାରେ ସାମୁଦ୍ରିକ ଝଡ଼ 'ଦାନା' ପାରାଦ୍ୱୀପ୍ ସମୁଦ୍ରଖଁଡ଼ି ନୁ ଦକ୍ଷିଣ ପୂର୍ବ ଦିଗେ ଶହେ ୫୦ କିଲୋମିଟର୍ ଦୂରେ ରହିଛେ । ସେନ୍ତା ଧାମ୍‌ରାର୍ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗେ ଶହେ ୮୦ କିଲୋମିଟର୍ ଆର୍ ପଶ୍ଚିମବଙ୍ଗ୍‌ର ସାଗର୍‌ଦୀପ୍‌ର ଦକ୍ଷିଣ- ଦକ୍ଷିଣପୂର୍ବ ଦିଗେ ୨ ଶହ ୫୦  କିଲୋମିଟର୍ ଦୂରେ ରହେବାର୍ ସହେତେ ଘଂଟାକ ୧୦ କିଲୋମିଟର୍ ବେଗଥି ଓଡ଼ିଶା ଉପକୂଳ ଆଡ଼େ ଗତି କରୁଛେ । ପଛେ ଇଟା ଉତର୍- ଉତର୍ ପଶ୍ଚିମ ଦିଗ୍‌କେ ଗତିକରିକରି ଭୀଷଣ ବାତ୍ୟା 'ଦାନା'ଥି ବଦ୍‌ଲିବା ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ ।

ଇତାର୍ ପ୍ରଭାବ୍‌ଥି ଆଏଜ୍ ମୟୁର୍‌ଭଞ୍ଜ୍, କଟକ୍, ଯାଜ୍‌ପୁର୍, ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍ ଜିଲ୍ଲା ନ ବର୍ଷା ହେଉଛେ । ସମୁଦ୍ରଖଁଡ଼ି ଇଲାକାନ ପବନ୍‌ର ବେଗ ବଢ଼୍‌ବାର୍ ସହେତେ କେତେ ଜାଗା ନ ଜବର୍ ବର୍ଷା ହେଉଥିବାର୍ ଦେଖ୍‌ବାର୍‌କେ ମିଲିଛେ । ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ନାଇଁ ଯିବାର୍‌କେ ପରାମର୍ଶ ଦିଆଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ ଯେ, ବାତ୍ୟା ପ୍ରଭାବ୍‌ଥି ଆଏବା ଶନିବାର୍ ଦକ୍ଷିଣ ଓଡ଼ିଶା ନ ଅଏତ୍‌କା ବର୍ଷା ହେଇପାରେ । କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ଅନୁଗୁଳ ଆର୍ ଢେଙ୍କାନାଲ୍ ଦେଇକରି ବାତ୍ୟା ଅତିକ୍ରମ୍ କର୍‌ବାର୍ ସମ୍ଭାବନା ରହିଛେ । ସେନ୍ତା ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ଭଦ୍ରକ୍, ବାଲେଶ୍ୱର୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ଯାଜ୍‌ପୁର୍, କଟକ୍ ଆର୍ ଖୋର୍ଦ୍ଧା ନ ଅଏତ୍‌କା ବର୍ଷା ହେଇପାରେ । ହେଲେ ଆଏବା କାଏଲ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ବୌଦ୍ଧ ଆର୍ ନୟାଗଡ଼୍ ଦେଇକରି ବାତ୍ୟା କେତେ ଅଂଶ ଅତିକ୍ରମ କର୍‌ବା ବଲି ସେ କହିଛନ୍ ।

ସେଆଡ଼େ ଧାମ୍‌ରା, ପାରାଦ୍ୱୀପ୍ ଆର୍ ପୁରୀ ଉପକୂଳ ନ ୧୦ ନମ୍ବର୍ ବିପଦ ସଙ୍କେତ ଦିଆଯାଇଛେ । ଭଦ୍ରକ୍ ଜିଲ୍ଲା ଧାମ୍‌ରା ବ୍ଲକ୍‌ର ପ୍ରଭାବିତ୍ ଇଲାକାନୁ ୨୬ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ବାତ୍ୟା ଆଶୟସ୍ଥଲୀକେ ସ୍ଥାନାନ୍ତର୍ କରାଯାଇଛେ ।

ବାତ୍ୟା- ମୁଖ୍ୟମନ୍ତ୍ରୀ       ପ୍ରେସ୍ ରିଲିଜ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର୍ ବାତ୍ୟା ପରିସ୍ଥିତି ଉପ୍ରେ ନଜର୍ ରଖିଛନ୍ । ବାତ୍ୟା ମୁକାବିଲା ଲାଗି ଦର୍‌କାରୀ ସବୁ ସାହାଜ୍ ଆର୍ ସହଯୋଗ୍ ଯୁଗେଇ ଦେବାର୍‌କେ କେନ୍ଦ୍ର ସର୍‌କାର୍ ପ୍ରସ୍ତୁତ୍ ଅଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ - ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ କହିଛନ୍ ।

ସେଆଡ଼େ ମୁଖ୍ୟମନ୍ତ୍ରୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବାତ୍ୟା ଦାନା ଲାଗି ପ୍ରଭାବିତ୍ ହେଉଥିବା ୧୧ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କର୍ ସାଙ୍ଗେ ବାତ୍ୟା ମୁକାବିଲା ତୟାରିର ଅଗ୍ରଗତି ବାବ୍‌ଦେ ଆଲୋଚନା କରିଛନ୍ । ସମୀକ୍ଷା ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧମ୍‌କେ କହିଛନ୍ ଯେ, ଇ ଜିଲ୍ଲାମାନ୍‌କର୍ ୩୮ ଟା ବ୍ଲକ୍‌ର ୧୬ ଶହ ୫୩ ଟା ଗାଁ, ୯ ଟା ପୌରାଂଚଲ୍ ଆର୍ ୨୬ ଟା ୱାର୍ଡ଼ ବାତ୍ୟା ଲାଗି ପ୍ରଭାବିତ୍ ହେବାର୍ ଆଶଙ୍କା ରହିଛେ । ଇ ସବୁ ଇଲାକା ନ ଥିବା ତଲିଆ ଆର୍ ବିପଦ୍ ସଙ୍କୁଳ ଇଲାକା ମାନ୍‌କର୍‌ନୁ ମୋଟ୍ ୩ ଲାଖ୍ ୬୨ ହଜାର୍ ଲୁକ୍‌କୁ ସ୍ଥାନାନ୍ତରିତ କର୍‌ବାର୍ ଲକ୍ଷ୍ୟ ରହିଛେ । ଆଏଜ୍ ଦିନର୍ ୧୧ ବଜେତକ୍ ୩ ଲାଖ୍‌ନୁ ଅଏତ୍‌କା ଲୁକ୍‌କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଲ୍‌କେ ସ୍ଥାନାନ୍ତର୍ କରାଯାଇଛେ । ବଲି

ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ପ୍ରଭାବିତ ହେବାର୍‌କେ ଥିବାର୍ ଇଲାକାନୁ ୨୩ ଶହ ୩୮ ଝନ୍ ଗର୍ଭବତୀ ମହିଲାଙ୍କୁ ସୁରକ୍ଷିତ ଭାବେ ଡାକ୍ତର୍‌ଖାନା ଆର୍ ମା’ ଗୃହକେ ସ୍ଥାନାନ୍ତର୍ କରାଯାଇଛେ ।

ସେନ୍ତା ବାତ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କେ ୮ ଶହ ୪୨ ଟା ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଲୀ ଆର୍ ୬ ହଜାର୍ ୪ ଶହ ୪୩ ଟା ଅସ୍ଥାୟୀ ଆଶ୍ରୟସ୍ଥଲୀକେ ମିଶେଇକରି ମୋଟ୍ ୭ ହଜାର୍ ୨ ଶହ ୮୫ ଟା ଆଶ୍ରୟସ୍ଥଲୀ କାର୍ଯ୍ୟକ୍ଷମ ଅଛେ । ଇ ଜିଲ୍ଲାମାନ୍‌କେ ଅଭିଜ୍ଞତା ଥିବା ବରିଷ୍ଠ ଆଇଏଏସ୍ ଅଧିକାରୀମାନ୍‌କୁ ପଠାଯାଇଛେ । ସେମାନେ ପଂଚାୟତ୍ ଆର୍ ଗାଁସ୍ତର୍‌ତକ୍ ଯାଇକରି ସ୍ଥାନାନ୍ତରଣ୍ କାମ୍‌କେ ତୁର୍‌ତି କରୁଛନ୍ । ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ୯ ଝନ୍ ମନ୍ତ୍ରୀ ଭିଲ୍ ପ୍ରଭାବିତ୍ ଜିଲ୍ଲାମାନ୍‌କେ ଉପସ୍ଥିତ୍ ରହିକରି ଇ କାମ୍‌କେ ତଦାରଖ୍ କରିକରି ସର୍‌କାର୍‌ଙ୍କୁ ତଥ୍ୟ ଦେଉଛନ୍ । ଆଶ୍ରୟସ୍ଥଲ୍ ନ ଥିବା ଲୁକ୍‌କୁ ନିୟମିତ ଭାବେ ରନ୍ଧା ଖାଏବାର୍ ଦରବ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଲୁକ୍‌କୁ ସୁରକ୍ଷିତ୍ ରଖିବାର୍ ଲାଗି ପୁଲିସ୍ ମୁତୟନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ ପରାମର୍ଶ ଦିଆଯାଇଛେ । ସେନ୍ତା ଇ ସବୁ ଜିଲ୍ଲାମାନ୍‌କେ ଉଦ୍ଧାର୍ ଆର୍ ରିଲିଫ୍ କାମ୍ ଲାଗି ଏନ୍‌ଡିଆର୍‌ଏଫ୍‌ର ୧୯ ଟା ଟିମ୍, ଓଡ୍ରାଫ୍‌ର ୫୧ ଟା ଟିମ୍ ଆର୍ ଅଗ୍ନିଶମ ବାହିନୀର୍ ୨ ଶହ ୨୦ ଟା ଟିମ୍ ମୁତୟନ ଅଛନ୍ । ଇତାର୍‌ସହେତେ ଶହେ ୫୭

ପ୍ଲାଟୁନ୍ ପୁଲିସ୍ ଫୋର୍ସ ଭିଲ୍ ନିୟୋଜିତ ହେଇଛନ୍ । ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଲୋଚନା ସମିଆଥି ବିପଦସଙ୍କୁଳ ଜାଗା ନ ଶହେ ପ୍ରତିଶତ୍ ସ୍ଥାନାନ୍ତରଣ୍, ଜିରୋ କାଜୁଆଲିଟି ବାଗିର୍ ଭିନ୍ ଭିନ୍ ଦିଗେ ଜୋର୍ ଦେବାର୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ବାତ୍ୟା-୨ ଆର୍‌ଏନ୍‌ୟୁ/ସମ୍ବଲପୁର

ବାତ୍ୟା ଲାଗି ଭୁବ୍‌ନେଶ୍ୱର୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ନୁ ବିମାନ୍ ସେବା ଆଏଜ୍ ଉପର୍‌ବେଲା ୫ ବଜେନୁ ଆଏବା କାଏଲ୍ ସଖାଲର୍ ୯ ବଜେତକ୍ ବନ୍ଦ୍ ରଖାଯାଇଛେ । ସେନ୍ତା ଝଡ଼ର ପ୍ରଭାବ୍‌କେ ନଜର୍‌ଥି ରଖିକରି ଭିତର୍‌କନିକା ଜାତୀୟ ଉଦ୍ୟାନକେ ଗଲାକାଏଲ୍‌ଠାନୁ ୩ ଦିନ୍ ଲାଗି ବନ୍ଦ୍ ରଖାଯାଇଛେ । ରାଜ୍ୟର୍ ପ୍ରାଚୀନ କିର୍ତିରାଜି ଜାଗା ମାନ୍‌କେ ଭିଲ୍ ଆଏଜ୍ ଆର୍ ଆଏବା କାଏଲ୍ ୨ ଦିନ୍ ଲାଗି ପର୍ଯ୍ୟଟକଙ୍କର୍ ପ୍ରବେଶ୍ ଉପ୍‌ରେ କଟ୍‌କନା ଲଗାଯାଇଛେ । ସେନ୍ତା ଓଡ଼ିଶା ହାଇକୋର୍ଟରେ କାମ୍‌କେ ଆଏଜ୍ ଆର୍ ଆଏବା କାଏଲ୍ ଦୁଇଦିନ୍ ଲାଗି ବାତିଲ୍ କରାଯାଇଛେ । ହେଲେ ଇତାର୍ ବଦ୍‌ଲା ଆଏବା ମାସର୍ ୩୦ ତାରିଖ୍ ଆର୍ ଡିସେମ୍ବର୍ ୭ ତାରିଖ୍ ଦିନ ହାଇକୋର୍ଟ ଅଦାଲତ୍ କାମ୍ କରାଯିବା ବଲି ହାଇକୋର୍ଟଙ୍କର୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ପ୍ରେସ୍ ରିଲିଜ୍

ଭୁବ୍‌ନେଶ୍ୱର୍ ନ ହେଉଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୮ ତାରିଖ୍ ଦିନ ବନ୍ଦ୍ ରହେବା । ସମ୍ଭାବ୍ୟ ବାତ୍ୟା ଦାନା ଆର୍ ଇତାର୍ ଉତ୍‌ରୁ ପୁନରୁଦ୍ଧାର୍ କାମ୍‌କେ ନଜର୍‌ଥି ରଖିକରି ଅଭିଯୋଗ୍ ପ୍ରକୋଷ୍ଠକେ ବନ୍ଦ୍ ରଖାଯାଇଛେ । ଯେନ୍‌ମାନେ ଇ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍ ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କର୍ ପରବର୍ତୀ ଅଭିଯୋଗ୍ ଶୁଣାଣି ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍ ଦର୍‌କାର୍ ନାଇଁ ପଡ଼େ । ସେମାନ୍‌କର୍ ଲାଗି ପରବର୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦପତ୍ର ଆର୍ ଅଲ୍‌ଗା ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍-ରେଢ଼ାଖୋଲ୍ ଚିକିତ୍ସାଳୟ

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଏଜ୍ ରେଢ଼ାଖୋଲ୍ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ୍ କରିଛନ୍ । ଚିକିତ୍ସାଳୟ ନ ଭିନ୍ ଭିନ୍ ଓ୍ୱାର୍ଡ଼ ବୁଲିକରି ଦେଖିବାର୍

ସହେତେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କର୍ ସାଙ୍ଗେ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଜିଲ୍ଲାପାଲ୍ ଆଲୋଚନା କରିଥିଲେ । ହାସ୍‌ପାତାଲ୍ ନ ଦେଖାଦେଇଥିବା ଡାକ୍ତର୍ ସମସ୍ୟା ବାବ୍‌ଦେ ବିଭାଗ୍‌କେ ଜନାବାର୍ ସହେତେ ତାର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ଚେରେଷ୍ଟା କରାଯିବା ବଲି ଜିଲ୍ଲାପାଲ୍ କହିଛନ୍ । ଇତାର୍ ଉତ୍‌ରୁ ଜିଲ୍ଲାପାଲ୍ ରେଢ଼ାଖୋଲ୍ ନୂଆଁ ବସ୍‌ଷ୍ଟାଣ୍ଡ୍ ଯାଇକରି ସେନ ଚାଲିଥିବା ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କର୍‌ବାର୍ ସାଙ୍ଗେ କାମ୍‌କେ ଜଲ୍‌ଦି ସାର୍‌ବାର୍‌କେ ଠିକା ସଂସ୍ଥାକେ ନିର୍ଦ୍ଦେଶ୍ ଦେଇଛନ୍ ।

ବାତ୍ୟା- ଜରୁରୀ ପ୍ରସ୍ତୁତି ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ବାତ୍ୟା ଦାନାର ମୁକାବିଲା ଲାଗି ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ପ୍ରସ୍ତୁତି ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କୁ ବାତ୍ୟା ଦାନାର ମୁକାବିଲା ଲାଗି ସଜାଗ୍ ରହେବାର୍‌କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ । ଇତାର୍‌ସହେତେ ଜିଲ୍ଲାର୍ ସବୁ ବ୍ଲକ୍ ମହକୁମା ଆଉ ଜିଲ୍ଲା କାର୍ଯ୍ୟାଳୟ ନ ୨୪ ଘଂଟିଆ ନିୟନ୍ତ୍ରଣ୍ କେନ୍ଦ୍ର ଖୁଲ୍‌ବାର୍‌କେ ନିଷ୍ପତି ନିଆଯାଇଛେ । ସେନ୍ତା ସବୁ ସର୍‌କାରୀ ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀଙ୍କର୍ ୨୪ ନୁ ୨୬ ତାରିଖ୍‌ତକ୍ ଛୁଟିକେ ବାତିଲ୍ କରାଯାଇଛେ ।

ଇତାର୍‌ସହେତେ ମୁଖ୍ୟାଲୟ ଛାଡ଼ିକରି  ନାଇଁ ଯିବାର୍‌କେ ସବୁ ସର୍‌କାରୀ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଗ୍ରାମୀଣ ବୈଷୟିକ ଉଦ୍ୟାନ ଥାପ୍‌ନା-ପ୍ରସ୍ତୁତି ବୈଠକ୍

ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍ କାର୍ଯ୍ୟାଲୟର ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଗ୍ରାମୀଣ ବୈଷୟିକ ଉଦ୍ୟାନ ଥାପ୍‌ନା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଆଏଜ୍ ହେଇଯାଇଛେ । ଇ ବୈଠକ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଅଧକ୍ଷତା କରିକରି ରିଆମାଲ୍ ଆର୍ ବାର୍‌କୋଟ୍ ବ୍ଲକ୍ ଠାନେ ବୈଷୟିକ ଉଦ୍ୟାନ୍ ଥାପ୍‌ନା କର୍‌ବାର୍ ଉପ୍‌ରେ ଆଲୋଚନା କରିଥିଲେ ।

ସମ୍ପୂର୍ଣ୍ଣତା ଅଭିଯାନ୍ ଉଦ୍‌ଯାପନ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ଆଉ ପିରାମଲ୍ ଫାଉଣ୍ଡେସନ୍‌ର ମିଲିତ୍ ସହଯୋଗ୍‌ଥି ଜିଲ୍ଲା ନ ସମ୍ପୂର୍ଣ୍ଣତା ଅଭିଯାନ୍‌ର ଉଦ୍‌ଯାପନୀ ଉତ୍ସବ୍ ଆଏଜ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ବୈଠକ୍‌ଥି ଲୋକ୍‌ସଭା ସାଂସଦ୍ ମାଳବିକା

ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଅଧ୍ୟକ୍ଷତା କରିଥିଲେ । ସାମାଜିକ୍ ଆଉ ଅର୍ଥନୈତିକ କ୍ଷେତ୍ରୁ ପଛୁଆ ଜିଲ୍ଲାକେ ମୁଖ୍ୟ ସ୍ରୋତକେ ଆନ୍‌ବାର୍ ଲାଗି କେନ୍ଦ୍ର ନୀତି ଆୟୋଗ୍‌ର ଇଟା ଗୁଟେ ମହତ୍ୱକାଂକ୍ଷୀ ଯୋଜ୍‌ନା ଆଏ ବଲି ଅତିଥି ମାନେ କହିଛନ୍ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଆଝିର୍ ଖେଲ୍‌ଥି ସେଂଟ୍ ଯୋଶେଫ୍ କନ୍‌ଭେଂଟ୍ ସ୍କୁଲ୍ ଦଲ୍ ୧/ଶୂନ୍ ଗୋଲ୍‌ଥି ଗୁରୁନାନକ୍ ପବ୍ଲିକ୍ ସ୍କୁଲ୍ ଦଲ୍‌କେ ହରେଇଛେ । ଆଉ ଗୁଟେ ଖେଲ୍‌ଥି ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ୩/ଶୂନ୍ ଗୋଲ୍‌ଥି ସେଂଟ୍‌ଜନ୍ ସ୍କୁଲ୍‌କେ ହରେଇଥିଲା । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।